# Akashvani, Sambalpur

# SAMBALPURI NEWS BULLETIN

## 24 March 2025- 6.47- 6.52 am.

***********************************************

ରାଷ୍ଟ୍ରପତି -ଓଡ଼ିଶା ଗସ୍ତ        ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଓଡ଼ିଶା ଆସୁଛନ୍ । ରାଷ୍ଟ୍ରପତି ମଏଧାନେ ଭୁବ୍‌ନେଶ୍ୱର୍ ଠାନେ ପୁହୁଁଚିଲା ଉତ୍‌ରୁ ନୟାଗଡ଼ ଜିଲ୍ଲା ଯାଇକରି କଂଟିଲୋ ଠାନେ ନୀଳମାଧବଙ୍କୁ ଦର୍ଶନ୍ କର୍‌ବେ । ତାର୍‌ଉତ୍‌ରୁ ଉପର୍‌ବେଲା କାଳିଆପଲ୍ଲୀ ଠାନେ ଭାରତୀୟ ବିଶ୍ୱାବସୁ ସମାଜ୍ ପ୍ରତିଷ୍ଠାନ୍‌ର ଥାପ୍‌ନା ଦିବସ୍ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ବେଲ୍‌ବୁଡ଼େ ଭୁବ୍‌ନେଶ୍ୱର୍ ଫିରିକରି ଶ୍ରୀମତୀ ମୁର୍ମୁ ରାଜ୍‌ଭବନ୍ ନ ରାତି ରହେବେ । ତାର୍‌ଆରଦିନ ବାୟୁସେନାର୍ ବିମାନ୍‌ଥି ରାଷ୍ଟ୍ରପତି ଦିଲ୍ଲୀ ଫିରିଯିବେ ବଲି ଜନାପଡ଼ିଛେ । ରାଷ୍ଟ୍ରପତିଙ୍କର୍ ଗସ୍ତ ଲାଗି ଭିନ୍ ଭିନ୍ ସୁରକ୍ଷା ବାହିନୀ ତର୍‌ଫୁ  କାର୍କେଡ୍ ଅଭ୍ୟାସ୍ ଚାଲିଛେ । ପୁଲିସ୍ ମହାନିର୍ଦ୍ଦେଶକ୍ ଓ୍ୱାଇ.ବି. ଖୁରାନିଆ, ଅଗ୍ନିଶମ ସେବା ବିଭାଗ୍ ଡିଜି ସୁଧାଂଶୁ ଷଡ଼ଙ୍ଗୀ ପୁଲିସ୍ କମିଶନର୍ ଏସ୍.

ଦେବଦତ ସିଂ ଆର୍ ଭିନ୍ ଭିନ୍ ବରିଷ୍ଠ ପୁଲିସ୍ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥାର୍ ଥିତି ସମୀକ୍ଷା କରିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି        ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍‌ନୁ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱ ଉପଭୋକ୍ତା ଅଧିକାର୍ ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ ବିଶ୍ୱ ଉପଭୋକ୍ତା ଅଧିକାର୍ ଦିବସ୍ । ଉପଭୋକ୍ତାମାନ୍‌କୁ ସେମାନ୍‌କର୍ ଅଧିକାର୍ ଆର୍ କର୍ତବ୍ୟ ବାବ୍‌ଦେ ସଚେତନ୍ କରିକରି ସେମାନ୍‌କର୍ ସ୍ୱାର୍ଥର୍ ସୁରକ୍ଷା କର୍‌ବାର୍‌ଟା ଇ ଦିବସ୍‌ର ମୁଲ୍ ଲକ୍ଷ୍ୟ ଆଏ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ

ରାଏଜେ ଚାଲିଥିବା ଭିନ୍ ଭିନ୍ ଉପଭୋକ୍ତା ସୁରକ୍ଷା ଆନ୍ଦୋଲନ୍‌କେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ସବ୍‌କର୍ ସହଯୋଗ୍ କାମ୍‌ନା କରିଛନ୍ । ଆଏଜ୍ ଦିନର୍ ୧୧ ବଜେ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ରାଜ୍ୟସ୍ତରୀୟ ବିଶ୍ୱ ଉପଭୋକ୍ତା ଦିବସ୍ ପାଲନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ଖାଦ୍ୟ ଯୋଗାଣ ଆଉ ଖାଉଟୀ କଲ୍ୟାଣ୍‌ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମନ୍ କି ବାତ୍           ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ସାଧାରଣ୍ ଲୁକ୍‌କର୍ ମତାମତ୍ ମଗାହେଇଛେ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ

ମିସଡ୍ କଲ୍ ଦେଇକରି ଏସ୍ଏମ୍ଏସ୍ ଜରିଏ ନିଜର୍ ମତାମତ୍ ଆଏବା କାଏଲ୍ତକ୍ ଦେଇପାର୍ବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ଯକ୍ଷ୍ମା ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ବିଶ୍ୱ ଯକ୍ଷ୍ମା ଦିବସ୍ । ସଂକ୍ରାମକ ବେମାରୀ ଯକ୍ଷ୍ମା- ଟିବି ବାବ୍ଦେ ଲୋକ୍ମାନ୍କର୍ ଭିତ୍ରେ ସଚେତନତା ସୃଷ୍ଟି ଲାଗି ଫି ବଛର୍ ବିଶ୍ୱ ଯକ୍ଷ୍ମା ଦିବସ୍ ପାଲନ୍ କରାଯାଏସି । ୧୮୮୨ ମସିହା ଆଜିର୍ ଦିନେ ଡକ୍ଟର୍ ରବର୍ଟ କୋଚ୍ ଯକ୍ଷ୍ମା ବେମାରି କରୁଥିବା ବେକ୍ଟେରିୟମ୍କେ ଆବିଷ୍କାର୍ କରିଥିଲେ ।

୨୦୩୦ ତକ୍ ପୁର୍‌ଥିନୁ ଯକ୍ଷ୍ମା ଦୂର୍ କର୍‌ବାର୍ ଲାଗି ମିଲିତ୍ ଜାତିସଂଘ ଲକ୍ଷ୍ୟ ରଖିଥିବାର୍ ବେଲେ ୫ ବଛର୍ ଆଘୋନୁ ୨୦୨୫ ଭିତ୍‌ରେ ଭାରତ୍‌କେ ଯକ୍ଷ୍ମାମୁକ୍ତ କର୍‌ବାର୍ ଲାଗି କେନ୍ଦ୍ରସର୍‌କାର୍ ଖାସ୍ ଅଭିଯାନ୍ ମାନ୍ ମୁଲ୍ କରିଛନ୍ । ଇଥିର୍‌ଲାଗି ଗଲାବଛର୍ ଡିସେମ୍ବର୍ ୭ ତାରିଖ୍ କେନ୍ଦ୍ର ସର୍‌ଖାର୍ ଶହେ ଦିନିଆ ଯକ୍ଷ୍ମାମୁକ୍ତ ଭାରତ୍ ଅଭିଯାନ୍ ମୁଲ୍ କରିଛନ୍ ।

ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଡିଆଇପିଆର୍‌ଓ

ଓଡ଼ିଶା ଦକ୍ଷତା ବିକାଶ୍ ପ୍ରାଧିକରଣ୍ ତର୍‌ଫୁ ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଦକ୍ଷତା ବିକାଶ୍ ଆଉ ନିୟୋଜନ୍ କାର୍ଯ୍ୟାଳୟ ମିଲିତ୍ ସହଯୋଗ୍‌ଥି ଆଏବା କାଏଲ୍ ଧନ୍‌କଉଡ଼ାଠାନେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ହେବା । ଇ ନିଯୁକ୍ତି ମେଳାଥି ଜିଲ୍ଲାର୍ ସବୁ ବ୍ଲକ୍ ଆର୍ ସହରାଂଚଲ୍‌ର ୫ କ୍ଲାସ୍‌ନୁ ଯୁକ୍ତ ୩ ତକ୍ ଆଇଟିଆଇ, ଡିପ୍ଲୋମା ପାସ୍ ୧୮ ନୁ ୩୫ ବଛର୍ ବୟସର୍ ଯୁଆନ୍ ପିଲା ଟୁକେଲ୍ ଭାଗ୍ ନେଇପାର୍‌ବେ । ନିଯୁକ୍ତି ମେଳା ସଖାଳର୍ ସାଢ଼େ ୯ ବଜେନୁ ମୁଲ୍ ହେଇକରି ଉପର୍‌ବେଲା ୪ ବଜେତକ୍ ଚାଲ୍‌ବା ।

ବଲାଙ୍ଗିର୍- ସେମିନାର୍          ହି.ସ.

ବଲାଙ୍ଗିର୍ ଜିଲ୍ଲା ଶିକ୍ଷା ଆଉ ପ୍ରଶିକ୍ଷଣ୍ ପ୍ରତିଷ୍ଠାନ୍ ଠାନେ 'ରୂପାନ୍ତର- ଚେଞ୍ଜିଙ୍ଗ୍ କ୍ଲାସ୍ରୁମ୍ ପ୍ରାକ୍ଟିସ୍ ଫର୍ ବିକଶିତ୍ ଓଡ଼ିଶା' ଶୀର୍ଷକଥି ଗୁଟେ କର୍ମଶାଳା ହେଇଯାଇଛେ । ଇଥି ଜିଲ୍ଲାର୍ ୧୪ ଟା ବ୍ଲକ୍‌ନୁ ୩୫ ଝନ୍ ଶିକ୍ଷକ୍ ଶିକ୍ଷୟିତ୍ରୀ ଆର୍ ସିଆର୍‌ସିସି ମାନେ ଯୋଗ୍ ଦେଇକରି ନିଜର୍ ନିଜର୍ ବିଦ୍ୟାଳୟ ନ ଅଭିନବ ପଦକ୍ଷେପ୍ ବାବ୍‌ଦେ ତଥ୍ୟ ରଖିଥିଲେ ।

ସମଲେଇମନ୍ଦିର୍- ପ୍ଲାଷ୍ଟିକ୍‌ମୁକ୍ତ        ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ସମଲେଇ ମନ୍ଦିର୍ ପରିସର୍ ନ ପ୍ଲାଷ୍ଟିକ୍ ଜିନିଷ୍ ବେଭାର୍ ଉପ୍‌ରେ ଟ୍ରଷ୍ଟବୋର୍ଡ଼ କଟ୍‌କନା ଜାରି କରିଛେ । ଶ୍ରଦ୍ଧାଳୁମାନେ ପ୍ଲାଷ୍ଟିକ୍ ବେଗ୍ ବଦ୍‌ଲା କାଗଜ୍ ଠୁଙ୍ଗା, କପ୍‌ଡ଼ା ବେଗ୍, ଭୁଗେଇ କି କାଠ୍‌ର୍ ଚାଙ୍ଗ୍‌ରିଥି ଭୋଗ୍ ନେଇକରି ଯିବାର୍ ଲାଗି ବୋର୍ଡ଼ ତର୍‌ଫୁ ଅନୁରୋଧ୍ କରାଯାଇଛେ । ଇତାର୍‌ସହେତେ ମନ୍ଦିର୍ ପରିସର୍‌କେ ପ୍ଲାଷ୍ଟିକ୍ ମୁକ୍ତ କର୍‌ବାର୍ ଲାଗି କେନ୍‌ସି ପ୍ରକାର୍ ପ୍ଲାଷ୍ଟିକ୍ ବେଭାର୍ ନାଇଁ କର୍‌ବାର୍‌କେ ଦୁକାନୀ ମାନ୍‌କୁ ସଚେତନ୍ କରାଯାଇଛେ ।

ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା        ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ଠାନେ ଚାଲିଥିବା ଖେଲୋ ଇଣ୍ଡିଆ ପାରା କ୍ରୀଡ଼ାଥି ଗଲାକାଏଲ୍ ଓଡ଼ିଶାର୍ ପାୟଲ୍ ନାଗ୍ ମହିଳା ତୀରନ୍ଦାଜୀର୍ କମ୍ପାଉଣ୍ଡ ଖେଲ୍‌ଥି ରୌପ୍ୟ ପଦକ୍ ଜିତିଥିଲା ବେଲେ ପୁରୁଷ ଟି-୩୭ -୨ ଶହ ମିଟର୍ ଦୌଡ଼ଥି ସ୍ୱସ୍ତିକ୍ ସାହୁ ଆଉ ପୁରୁଷ ଟି-୪୬ ଜାଭ୍‌ଲିନ୍ ଥ୍ରୋଥି ରଣ୍‌ଜିତ୍ ଚାନ୍ଦ୍ କାଂସ୍ୟ ପଦକ୍ ଜିତିଛନ୍ । ଟି-୧୧ ବର୍ଗର୍ ପୁରୁଷ ଲମ୍ବଡିଆଁଥି କାହ୍ନୁ ସୋରେନ୍ ଆଉ ଟି-୧୩ ଲମ୍ବଡିଆଁଥି ପଙ୍କଜ୍ ଭୁଏ ଭିଲ୍ କାଂସ୍ୟ ପଦକ୍ ଜିତିକରି ରାଜ୍ୟର୍ ଲାଗି ଗୌରବ୍ ଆନିଛନ୍ । ଇତାର୍‌ସହେତେ ପାରା କ୍ରୀଡ଼ାଥି ଓଡ଼ିଶାର୍ ପଦକ୍ ସଂଖ୍ୟା ୮ କେ ପୁହୁଁଚିଛେ ।